**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
*****

**ଅଧିସୂଚନା**

ନଥି ସଂଖ୍ୟା OLLC-PM-MISC-0067-2025 ୨୧୫/ଓ.ଭା.ସା.ସଂ., ତା. ୧୬/୦୨/୨୦୨୬

ଓଡ଼ିଶାର ପ୍ରତିଷ୍ଠିତ ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ ଏବଂ ମହାନ୍ ବ୍ୟକ୍ତିତ୍ୱ,, ଯେଉଁମାନେ ଓଡ଼ିଶାର ସାମାଜିକ-ସାଂସ୍କୃତିକ-ସାହିତ୍ୟିକ ପରିବେଶକୁ ଗଢ଼ିଥିଲେ, ସେମାନଙ୍କର ଅବଦାନ ପରପିଢ଼ିକୁ ପ୍ରେରିତ ଓ ଅନୁପ୍ରାଣିତ କରିବା ପାଇଁ ସେମାନଙ୍କର ସ୍ମୃତିକୁ ଉଜ୍ଜୀବିତ କରି ରଖିବାର ଆବଶ୍ୟକତାକୁ ଗୁରୁତ୍ୱପୂର୍ଣ୍ଣ ମନେକରି ରାଜ୍ୟ ସରକାର 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା' ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

ଅର୍ଥ ବିଭାଗ ଦ୍ୱାରା ପ୍ରସ୍ତୁତ **"ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା" ସମ୍ପର୍କିତ Expenditure Finance Committee (EFC)** ଓ ସରକାରଙ୍କ ସଦୟ ଅନୁମୋଦନ ଅନୁଯାୟୀ **'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'** ପୂର୍ତ୍ତ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଯୋଜନା ଓ ସଂଯୋଜନ ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ହସ୍ତକଳା, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ସାମଗ୍ରିକ ମାର୍ଗଦର୍ଶନ, ସମନ୍ୱୟରେ କରାଯିବ ଏବଂ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନିମନ୍ତେ ନିମ୍ନଲିଖିତ ସଦସ୍ୟମାନଙ୍କୁ ନେଇ ଏକ **' ରାଜ୍ୟ ସ୍ତରୀୟ ପ୍ରକଳ୍ପ ପରିଚାଳନା କମିଟି' ( State Level Project Steering Committee)** ଗଠନ କରାଯାଇଅଛି ।

୧. ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ (ଅଧକ୍ଷ)

୨. ପୂର୍ତ୍ତ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଯୋଜନା ଓ ସଂଯୋଜନ ବିଭାଗ, ପର୍ଯ୍ୟଟନ ବିଭାଗ, ହସ୍ତକଳା, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ବିଭାଗୀୟ ମୁଖ୍ୟ/ ପ୍ରତିନିଧି (ଯୁଗ୍ମ ଶାସନ ସଚିବ ପାହ୍ୟାରୁ କମ ହୋଇନଥିବେ) ।

୩. ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

୪. ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

୫. ସମ୍ପୃକ୍ତ ଜିଲ୍ଲାପାଳ

୬. ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ଦ୍ୱାରା ମନୋନୀତ ଜଣେ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ

୭. ସ୍ୱତନ୍ତ୍ର / ଅତିରିକ୍ତ / ଯୁଗ୍ମ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ( ଆବାହକ ସଦସ୍ୟ )

ରାଜ୍ୟପାଳଙ୍କ ଆଦେଶ କ୍ରମେ,

( ଡ଼ଃ ବିଜୟ କେତନ ଉପାଧ୍ୟାୟ , ଭା.ପ୍ର.ସେ )

ଶାସନ ସଚିବ